# ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

ଭୁବନେଶ୍ୱର,୩୦/୦୪/୨୦୨୪:

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ (ଦେଶରେ ଚତୁର୍ଥ ପର୍ଯ୍ୟାୟ) ମତଦାନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସଂସଦୀୟ ନିର୍ବାଚନ କ୍ଷେତ୍ର ଓ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ନିର୍ବାଚନ କ୍ଷେତ୍ରରେ ମତଦାନ ପାଇଁ ଚୂଡ଼ାନ୍ତ ମତଦାତା ତାଲିକା ତା.୨୫/୦୪/୨୦୨୪ରିଖରେ ପ୍ରକାଶିତ ହୋଇଛି । ଏଥିପାଇଁ ଆବେଦନର ଯୋଗ୍ୟତାଭିତ୍ତିକ ତାରିଖ ଭାବରେ ତା.୦୧/୦୪/୨୦୨୪ରିଖକୁ ଗ୍ରହଣ କରାଯାଇଥିଲା ।

ଏହି ପର୍ଯ୍ୟାୟ ପାଇଁ ୪ଟି ସଂସଦୀୟ କ୍ଷେତ୍ର ଅଧିନରେ ମୋଟ ୬,୨୮୭,୨୨୨ ଜଣ ମତଦାତା ରହିଛନ୍ତି । ଏମାନଙ୍କ ମଧ୍ୟରେ ୩,୦୯୭,୫୨୭ ଜଣ ପୁରୁଷ, ୩,୧୮୯,୦୬୦ ଜଣ ମହିଳା ଓ ୬୩୫ ଜଣ ତୃତୀୟଲିଙ୍ଗୀ ମତଦାତା ରହିଛନ୍ତି । କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସଂସଦୀୟ କ୍ଷେତ୍ର ପାଇଁ ଯଥାକ୍ରମେ ୧୭୦୦୭୮୦, ୧୫୧୪୧୪୦, ୧୫୯୧୩୮୦, ୧୪୮୦୯୨୨ ଜଣ ଲେଖାଏଁ ମତଦାତା ରହିଛନ୍ତି । ଏହି ୪ଟି ସଂସଦୀୟ ନିର୍ବାଚନ କ୍ଷେତ୍ରରେ ଲିଙ୍ଗ ଅନୁପାତ ଯଥାକ୍ରମେ ୯୯୯, ୧୦୩୯, ୯୯୬ ଓ ୧୦୯୫ ରହିଛି । ଚାରୋଟି ସଂସଦୀୟ ନିର୍ବାଚନ କ୍ଷେତ୍ରରେ ୧୮ରୁ ୧୯ ବର୍ଷ ବୟସର ୧୭୫,୧୩୫ ଜଣ ନୂତନ ଭୋଟର ରହିଥିବାବେଳେ ୨୦-୨୯ ବର୍ଷ ବୟସର ୧,୪୬୮,୫୦୪ ଜଣ ଯୁବ ଭୋଟର ରହିଛନ୍ତି । ଚାରୋଟ ସଂସଦୀୟ ନିର୍ବାଚନ କ୍ଷେତ୍ରରେ ମୋଟ ୭୨୮୯ଟି ବୁଥ୍ ଓ ୧୪ଟି ଅତିରିକ୍ତ ବୁଥ୍ ରହିଛି ।

ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନଙ୍କ ଦ୍ୱାରା ଏହି ସମସ୍ତ ମତଦାତାଙ୍କୁ ମତଦାତା ସୂଚନା ପତ୍ର (ଭୋଟର ଇନ୍‌ଫରମେସନ୍ ସ୍ଲିପ୍) ଯୋଗାଇ ଦିଆଯିବ । ଏହି ସୂଚନା ପତ୍ରରେ ମତଦାତାଙ୍କ ନାମ, ପାର୍ଟ ସଂଖ୍ୟା, କ୍ରମିକ ନମ୍ବର, ପୋଲିଂ ବୁଥ୍‌ର ନାମ, ମତଦାନ ତାରିଖ ଆଦି ସମସ୍ତ ଜରୁରୀ ସୂଚନା ରହିଛି । ମତଦାତାଙ୍କ ସୁବିଧା ନିମନ୍ତେ ଏଥିରେ ଇପିକ୍ ନମ୍ବର ଏବଂ ବୁଥ୍‌ର ରୋଡ୍ ମ୍ୟାପ୍ ମଧ୍ୟ ପ୍ରଦତ୍ତ ରହିବ । ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଏହି ମତାଦାତ ସୂଚନା ପତ୍ର ସହ 'ମତଦାତା ମାର୍ଗଦର୍ଶିକା' ଓ 'ଅଂଶୁଘାତ ସଚେତନତା ସୂଚନା ପତ୍ର' ବଣ୍ଟନ କରିବେ । ଏହି ଜରୁରୀ ସୂଚନାପତ୍ର ଓ ମାର୍ଗଦର୍ଶିକାଗୁଡ଼ିକ ସମସ୍ତ ଶତପ୍ରତିଶତ ମତଦାତାଙ୍କୁ ଯୋଗାଇ ଦେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନିକୁଞ୍ଜ ବିହାରୀ ଧଳ ନିର୍ଦ୍ଦେଶ ଦେଇଛନ୍ତି ।

| Sl. No | PC Name | District | Male | Female | TG | Total Electors | Gender Ratio | 18-19 | 20-29 | PS No. | Auxi-liary PS | Cases Registered in CVIGIL w.e.f. 16.03.2024 | Cases Disposed in CVIGIL w.e.f. 16.03.2024 | No of Seizure (in Lakh) |
|---|---|---|---|---|---|---|---|---|---|---|---|---|---|---|
| 1 | KALAHANDI | Kalahandi, Nuapada | 850955 | 849715 | 110 | 1700780 | 999 | 51353 | 384232 | 2013 | 3 | 177 | 176 | 503 |
| 2 | NABARANGPUR | Nabarangpur Malkangiri, Karaput | 742416 | 771608 | 116 | 1514140 | 1039 | 44841 | 392677 | 1779 | 4 | 220 | 220 | 1719 |
| 3 | BERHAMPUR | Ganjam, Gajapati | 797379 | 793852 | 149 | 1591380 | 996 | 39500 | 332971 | 1699 | 5 | 455 | 455 | 734 |
| 4 | KORAPUT | Koraput, Rayagada | 706777 | 773885 | 260 | 1480922 | 1095 | 39440 | 358624 | 1798 | 2 | 98 | 98 | 1409 |
| **Total** | | | **3,097,527** | **3,189,060** | **635** | **6,287,222** | **1029** | **175,134** | **1,468,504** | **7,289** | **14** | **950** | **949** | **4,365** |

ବି.ଦ୍ର.- ମତଦାତା ମାର୍ଗଦର୍ଶିକା ଓ ଅଂଶୁଘାତ ସଚେତନତା ସୂଚନା ପତ୍ର ସମସ୍ତଙ୍କ ସୂଚନା ଓ ସୁବିଧା ନିମନ୍ତେ ପ୍ରଦତ୍ତ କରାଗଲା ।

ବିନାୟକ ମିଶ୍ର
ଲୋକସମ୍ପର୍କ ଅଧିକାରୀ